ଓଡ଼ିଶାର ସମସ୍ତ ପୂର୍ବ ବର୍ଷର ପ୍ରଶ୍ନ ଉତ୍ତର ପାଇଁ

Download "Tech Of World" App

WtsApp/Call- 8596976190

























Click Here







Click Here

Click Here

Click Here

Join Us-

ଓଡ଼ିଶାର ସମସ୍ତ ପୂର୍ବ ବର୍ଷର ପ୍ରଶ୍ନ ଉତ୍ତର ପାଇଁ
Download "Tech Of World" App
WtsApp/Call- 8596976190

1. ନିମ୍ନୋକ୍ତ ମଧ୍ୟରୁ କେଉଁ ଶବ୍ଦଟି ଠିକ୍ ?

(A) ଆଶୀଷ

(B) ଅପଦସ୍ଥ

(C) ଅନାୟସ

(D) ଭୂମିଷ୍ଟ

2. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧ ବାକ୍ୟ ଅଟେ ?

(A) ପୂଜାଷ୍ଟଦ ଆଜି ଗୋଷ୍ଠଦ ପୁଷ୍କର।

(B) ଆଲୋ ମଉସା? ଜଡ଼ ପଇସା,

(C) ରାଜା ଶିବି ଗୋଟିଏ ଭୀତ କପୋତକୁ ଅଭୟ ଦେଲେ।

(D) 'ଜଳନ୍ତା' ନିଆଁରେ କୁଟା ପକାଅ ନାହିଁ।

3. "କି କହିବ କିସ କରିବ କିଛି ହିଁ
ଭାବି ନ ପାରିଲା ମନେ
ବିସ୍ମୟ-ଜୀମୂତ ବ୍ୟାପିଗଲା ତାର
ସହସା ହୃଦ ଗଗନେ।"

ଏହି ପଦରେ କେଉଁ ଅଳଙ୍କାର ପ୍ରୟୋଗ କରାଯାଇଛି ?

(A) ଅନୁପ୍ରାସ

(B) ଯମକ

(C) ରୂପକ

(D) ଶ୍ଳେଷ

4. "ପାଣି ଗ୍ରହଣରୁ ବୁଝିଅଛୁ କାଲି
ସ୍ୱଭାବେ ତୁମ୍ଭେ ଉଦାର,
ବାହୁଲ୍ୟ ମାତର କହୁଅଛୁ ଆମ୍ଭେ
ମୁନିକନ୍ୟା ହେଉ ଦାରା।"

ଏହି ପଦରେ କେଉଁ ଅଳଙ୍କାର ରହିଅଛି ?

(A) ରୂପକ (B) ଅନୁପ୍ରାସ

(C) ଉତ୍ପ୍ରେକ୍ଷା (D) ଶ୍ଳେଷ

5. 'ଚିରସୁନ୍ଦର' ଏହି ସମସ୍ତ ପଦ କେଉଁ ସମାସର ନିୟମରେ ଗଠିତ ?

(A) ତତ୍ପୁରୁଷ (B) କର୍ମଧାରୟ

(C) ଅବ୍ୟୟୀଭାବ (D) ଦ୍ୱିଗୁ

6. "ମରାମତ ହୋଇନାହିଁ ଯାହା" ଏହି ବ୍ୟାସ ବାକ୍ୟର ସମାସ ନିଷ୍ପନ୍ନ ପଦ କଣ ହେବ ?

(A) ଅସଜଡ଼ା

(B) ବେମରାମତ

(C) ନମରାମତ

(D) ଅମରାମତ

ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (7 ରୁ 11 ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତର ନିର୍ଣ୍ଣୟ କର।

ଭାରତ ସ୍ୱାଧୀନ ହେଲେ ବି ଆମର ଆଧୁନିକ ସଭ୍ୟତା ଓ ସଂସ୍କୃତି ପୂରାପୂରି ବିଦେଶୀ ଛାଞ୍ଚରେ ଗଢ଼ି ଉଠୁଛି। ଆମେ ତଥାକଥିତ ଶିକ୍ଷିତ ଲୋକେ ଘରେ ଓଡ଼ିଆ ଓ ବାହାରେ ଇଂରେଜୀ। ଏହି ପରମ୍ପରା ବ୍ରିଟିଶ ଶାସନ ସମୟରୁ ଗଢ଼ି ଗଢ଼ି ଆସିଛି। ସ୍ୱାଧୀନତା ପାଇବା ପରେ ଆମେ ସ୍ୱାଧୀନ ଭାରତ ମାତାର ଜିଭ କାଟି ଦେଇଛୁ। କେତେକ କହିଥାନ୍ତି ଆମେ ଇଂରେଜୀ ଭାଷାକୁ ରାଣୀର ସ୍ଥାନ ଦେଇଛୁ ଆଉ

Join Us-
TOW

ଓଡ଼ିଶାର ସମସ୍ତ ପୂର୍ବ ବର୍ଷର ପ୍ରଶ୍ନ ଉତ୍ତର ପାଇଁ
Download "Tech Of World" App
WtsApp/Call- 8596976190



ଆମର ଜାତୀୟ ଭାଷା, ଆଞ୍ଚଳିକ ଭାଷା ହୋଇଛି ଚାକରାଣୀ। ମାତୃଭାଷାରେ ଆମ ରାଜ୍ୟର ପ୍ରତ୍ୟେକ କାର୍ଯ୍ୟ ନ ଚଳାଇଲେ ଆମର ପ୍ରତ୍ୟେକ ବିକାଶୋନ୍ମୁଖୀ ଯୋଜନା ପଛରେ ପଡ଼ିଯିବ- ଜାତୀୟତା ବି ନଷ୍ଟ ହୋଇଯିବ। ଫଳରେ ଜାତି ହେବ ଦୁର୍ବଳ ଓ ପଙ୍ଗୁ। ଇଉରୋପର ବିଭିନ୍ନ ଦେଶରେ ଦେଖିବା ସେମାନେ ନିଜ ନିଜ ଭାଷାରେ ସବୁକାର୍ଯ୍ୟ କରୁଛନ୍ତି। ସେମାନେ ସେମାନଙ୍କର ପ୍ରତ୍ୟେକ ଗବେଷଣା, ଲେଖାପଢ଼ା ନିଜ ଭାଷାରେ ହିଁ କରିଥାନ୍ତି। ବିଦେଶୀ ଲୋକଙ୍କର ଆମ୍ଭମାନଙ୍କ ଅପେକ୍ଷା ବିଶେଷ ଜାତୀୟ ଚେତନା ରହିଛି। ସେମାନେ କେବଳ ନିଜ ମାତୃଭାଷାରେ ଦସ୍ତଖତ କରନ୍ତି- ଅନ୍ୟଭାଷାରେ ଦସ୍ତଖତ କରନ୍ତି ନାହିଁ। କିନ୍ତୁ ଆମ୍ଭେମାନେ ଠିକ୍ ତାର ଓଲଟା କରି ନିଜକୁ ଗର୍ବିତ ମନେ କରୁଛୁ। ଇଂରେଜୀ ଶାସନ ବେଳେ ଦେଶୀୟ ଲୋକେ ଇଂରେଜୀ ଶିଖି ଜନସାଧାରଣଙ୍କ ଉପରେ ହାକିମାତି କରିବା ସହିତ ସେମାନଙ୍କୁ ନାନାଭାବରେ ପ୍ରତାରିତ କରୁଥିଲେ। ଆଜି ମଧ୍ୟ ଆମେ ଜନ ସାଧାରଣଙ୍କୁ ଠକିବା ପାଇଁ ଇଂରେଜୀ ଭାଷାକୁ ଅସ୍ତ୍ରରୂପେ ଗ୍ରହଣ କରିଛୁ।

7. ବିଦେଶୀ ଲୋକେ କେବଳ ନିଜ ମାତୃଭାଷାରେ କ'ଣ କରିଥାନ୍ତି ?

(A) ବାର୍ତ୍ତାଳାପ

(B) ପତ୍ର ବିନିମୟ

(C) ଦସ୍ତଖତ

(D) ଆବେଦନ

8. ସ୍ୱାଧୀନତା ପାଇବା ପରେ ଆମେ ଭାରତ ମାତାର କ'ଣ କରିଛୁ ?

(A) ପଦ ବନ୍ଦନା କରିଛୁ

(B) ଜିଭ କାଟି ଦେଇଛୁ

(C) କାୟା ବିସ୍ତାର କରିଛୁ

(D) ପାଦ ବାନ୍ଧି ଦେଇଛୁ

9. ଆଜି ଆମେ ଇଂରେଜୀ ଭାଷାକୁ ଅସ୍ତ୍ରରୂପେ ଗ୍ରହଣ କରିଛୁ କାହିଁକି ?

(A) ଠକିବା ପାଇଁ

(B) ହାକିମାତି କରିବା ପାଇଁ

(C) ଗର୍ବ ଅନୁଭବ କରିବା ପାଇଁ

(D) ନିଜକୁ ସୁରକ୍ଷା ଦେବା ପାଇଁ

10. ଆମର ଜାତୀୟତା କିପରି ନଷ୍ଟ ହୋଇଯିବ ?

(A) ମାତୃଭାଷାରେ ଲେଖାପଢ଼ା ନକଲେ

(B) ମାତୃଭାଷାରେ କଥାବାର୍ତ୍ତା ନକଲେ

(C) ମାତୃଭାଷାରେ ଦସ୍ତଖତ ନକଲେ

(D) ମାତୃଭାଷାରେ ପ୍ରତ୍ୟେକ କାର୍ଯ୍ୟ ନକଲେ

11. କେତେକଙ୍କ ମତରେ କିଏ ରାଣୀ, କିଏ ଚାକରାଣୀ ?

(A) ସଭ୍ୟତା, ସଂସ୍କୃତି

(B) ଇଂରେଜୀ ଭାଷା, ଆଞ୍ଚଳିକ ଭାଷା

(C) ଇଉରୋପ, ଭାରତ

(D) ଇଂରେଜ ଲୋକ, ଦେଶୀୟ ଲୋକ

Tech Of World App
Join Us-

ଓଡ଼ିଶାର ସମସ୍ତ ପୂର୍ବ ବର୍ଷର ପ୍ରଶ୍ନ ଉତ୍ତର ପାଇଁ
Download "Tech Of World" App
WtsApp/Call- 8596976190

12. "ଯେ ସତ କହେ, ସେ ନିର୍ଭୀକ ଅଟେ"। ପ୍ରଦତ୍ତ ବାକ୍ୟଟି କେଉଁ ପ୍ରକାର ବାକ୍ୟ ?
(A) ସରଳ
(B) ମିଶ୍ର
(C) ଯୌଗିକ
(D) ଜଟିଳ

13. 'ଶ୍ରୀମାନ୍' ଏହି ପଦରେ ଥିବା 'ନ୍' ର 'ଣ୍' ହେଲା ନାହିଁ କାହିଁକି ?
(A) ପଦ ମଧ୍ୟରେ 'ର୍' ନଥିବାରୁ
(B) ପଦ ମଧ୍ୟରେ 'ଷ୍' ନଥିବାରୁ
(C) 'ନ୍' ପଦାନ୍ତରେ ଥିବାରୁ
(D) 'ଆ' ପରେ ଥିବାରୁ

14. ତୋ' ଲାଗି ଗୋପଦାଣ୍ଡ ମନା। (ତୋ) ରେଖାଙ୍କିତ ପଦର ବିଭକ୍ତି ନିର୍ଣ୍ଣୟ କର।
(A) ଷଷ୍ଠୀ
(B) ଦ୍ୱିତୀୟା
(C) ଚତୁର୍ଥୀ
(D) ପଞ୍ଚମୀ

15. 'ଖେଳୁଆଳ' ଏହାର ଗଠନ କିପରି ହୋଇଛି ?
(A) ଖେଳ୍+ଉଆଳ
(B) ଖେଳ+ଉଆଳ
(C) ଖେଳୁ+ଆଳ
(D) ଖେଳ+ଆଳ

16. 'ହତାଏ' ଏଥିରେ କେଉଁ ପ୍ରତ୍ୟୟ ଲାଗିଅଛି ?
(A) ଆଏ
(B) ଅଏ
(C) ତାଏ
(D) ଏ

17. 'ଖିଅ କାଢ଼ିବା'। ଏହି ରୂଢ଼ି କେଉଁ ଅର୍ଥ ପ୍ରକାଶ କରୁଛି ?
(A) ସୂତା ବାହାର କରିବା
(B) ଦୋଷ ବାଛିବା
(C) ସୂତ୍ର ଧରିବା
(D) ଅଡୁଆ ସୂତାକୁ ସଜାଡ଼ିବା

18. "ଉତ୍କଳମଣି ଗୋପବନ୍ଧୁ ବନ୍ୟାପୀଡ଼ିତଙ୍କ ସେବା କରି ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଥିଲେ"। ଏହି ବାକ୍ୟରେ କେଉଁ 'ରୂଢ଼ି' ପ୍ରୟୋଗ କରାଯାଇପାରିବ ?
(A) ନାଁ ପକେଇବା
(B) ନାଁ ଧରିବା
(C) ନାଁ କରିବା
(D) ନାଁ ବୁଡ଼େଇବା

19. ନିଆଁ ହୁତୁହୁତୁ ଜଳୁଛି। ରେଖାଙ୍କିତ ପଦଟି କେଉଁ ପଦ ?
(A) ସର୍ବନାମ
(B) କ୍ରିୟା
(C) ବିଶେଷଣ
(D) ବିଶେଷ୍ୟ

20. ଆପଣ କାହାକୁ ଡରୁଛନ୍ତି? ରେଖାଙ୍କିତ ଅଂଶଟି କେଉଁ ପଦ ?
(A) ବିଶେଷ୍ୟ
(B) ସର୍ବନାମ
(C) ଅବ୍ୟୟ
(D) କ୍ରିୟା

Tech Of World App
Join Us-